1960
മାର୍ଚ୍ଚ 10

ଦିଲ୍ଲୀ କ୍ଲୋଥ୍ ଆଣ୍ଡ ଜେନେରାଲ୍ ମିଲ୍ସ୍ ଲିମିଟେଡ଼

ବନାମ

କୁଶାଲ ଭାନ୍

(ପି. ବି. ଗଜେନ୍ଦ୍ରଗଡ଼କର ଏବଂ କେ. ଏନ୍. ୱାଞ୍ଚୋ, ନ୍ୟାୟାଧୀଶବୃନ୍ଦ)

*ଶିଳ୍ପ ବିବାଦ- ଅପରାଧିକ ନ୍ୟାୟାଧିକରଣଙ୍କ ବିଚାରାଧୀନ ଥିବା କର୍ମଚାରୀମାନଙ୍କୁ ତଦନ୍ତ କମିଟି ଦ୍ୱାରା ବରଖାସ୍ତ କରିବା- କର୍ମଚାରୀଙ୍କର ପରବର୍ତ୍ତୀ ଦୋଷ ମୁକ୍ତି-ବରଖାସ୍ତ ଅନୁମୋଦନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ନ୍ୟାୟାଧିକରଣଙ୍କର କ୍ଷେତ୍ରାଧିକାର- ଶିଳ୍ପ ବିବାଦ ଅଧିନିୟମ 1947 (1947 ର XIV), ଧାରା 33 (2) ପ୍ରାବଧାନ ।*

ଆବେଦନକାରୀ କମ୍ପାନୀ,ଉତ୍ତରଦାତାଙ୍କୁ, ଯିଏକି ଏହାର କର୍ମଚାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ଏକ ଆରୋପ ପତ୍ର ପ୍ରଦାନ କରିଥିଲେ ଏବଂ ଅଭିଯୋଗ କାରିଥିଲେ ଯେ ସେ କମ୍ପାନୀର ମୁଖ୍ୟ କିରାଣୀଙ୍କ ସାଇକେଲ ଚୋରି କରିଥିଲେ । ତାପରେ ତାଙ୍କ ବିରୋଧରେ ଚୋରି ସମ୍ବନ୍ଧୀୟ ଏକ ଅପରାଧିକ ମାମଲା ବିଚାରାଧୀନ ଥିଲା । ଅସଦାଚରଣ ପାଇଁ ତାଙ୍କୁ କାହିଁକି ବରଖାସ୍ତ କରାଯିବା ଉଚିତ ନୁହେଁ ବୋଲି ତାଙ୍କୁ କାରଣ ଦର୍ଶାଇବାକୁ କୁହାଯାଇଥିଲା, ଏବଂ ତାଙ୍କ କୈଫିୟତ ସନ୍ତୋଷଜନକ ନ ଥିବାରୁ ତଦନ୍ତ ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରାଯାଇଥିଲା । ଉତ୍ତରଦାତା ତଦନ୍ତ ସମିତିଙ୍କ ସମ୍ମୁଖରେ ହାଜର ହୋଇଥିଲେ କିନ୍ତୁ ତାଙ୍କୁ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦେଇ ତଦନ୍ତରେ ଅଂଶଗ୍ରହଣ କରିବାକୁ ମନା କରିଦେଇଥିଲେ କାରଣ ଅଦାଲତ ଦ୍ୱାରା ମାମଲାର ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସେ କୌଣସି ପ୍ରତିରକ୍ଷା ଉପସ୍ଥାପନ କରିବାକୁ ଚାହୁଁନଥିଲେ । ତେବେ କମ୍ପାନୀ ତଦନ୍ତ ଶେଷ କରିବା ପରେ ତାଙ୍କ ବିରୋଧରେ ଅସଦାଚରଣ ପ୍ରମାଣିତ ହୋଇଥିବା ଆଧାରରେ ଉତ୍ତରଦାତାଙ୍କୁ ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଏହା ପରେ କମ୍ପାନୀ ଶିଳ୍ପ ବିବାଦ ଅଧିନିୟମର ଧାରା 33 (2) ଅନୁଯାୟୀ ଶିଳ୍ପ ନ୍ୟାୟାଧିକରଣଙ୍କ ନିକଟରେ, ଉତ୍ତରଦାତାଙ୍କ ବିରୋଧରେ ନିଆଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଅନୁମୋଦନ ପାଇଁ ଏକ ଆବେଦନ କରିଥିଲା । ଇତି ମଧ୍ୟରେ ଉତ୍ତରଦାତା ଫୌଜଦାରୀ ଅଦାଲତଙ୍କ ଦ୍ୱାରା ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ଅପରାଧିକ ବିଚାରଳୟଙ୍କ ରାୟକୁ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା ଯାହା ଉତ୍ତରଦାତାଙ୍କ ବରଖାସ୍ତ ଆଦେଶକୁ ଅନୁମୋଦନ କରିବାପାଇଁ ମନା କରିଦେଇଥିଲ । କମ୍ପାନୀ ଦ୍ୱାରା ବିଶେଷ ଅନୁମତି ଆବେଦନରେ ।

1960

ଦିଲ୍ଲୀ କ୍ଲୋଥ୍ ଆଣ୍ଡ ଜେନେରାଲ୍ ମିଲ୍ସ ଲିମିଟେଡ୍ ବନାମ କୁଶଲ ଭାନ୍

*ନିର୍ଣ୍ଣୟ କରାଗଲା ଯେ,* ପ୍ରାକୃତିକ ନ୍ୟାୟର ନୀତିଗୁଡିକ ଅନୁସାରେ ଯେ ଜଣେ ନିଯୁକ୍ତିଦାତାଙ୍କୁ ତାଙ୍କର ଜଣେ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଅପରାଧିକ ନ୍ୟାୟାଳୟଙ୍କର ନିର୍ଣ୍ଣୟ ପାଇଁ ଅପେକ୍ଷା କରିବା ଆବଶ୍ୟକ କରେ ନାହିଁ ।

*ଶ୍ରୀ ବିମଳ କାନ୍ତା ମୁଖାର୍ଜୀ ବନାମ ମେସର୍ସ ନ୍ୟୁଜମ୍ୟାନ ପ୍ରିଣ୍ଟିଂ ୱାର୍କସ୍,* (1956) ଏଲ. ଏ. ସି. i 188, ଅନୁମୋଦିତ ।

ଯଦି କୌଣସି ମାମଲା ଗମ୍ଭୀର ପ୍ରକୃତିର ହୋଇଥାଏ, ଯେଉଁଥିରେ ତଥ୍ୟ ଏବଂ ଆଇନର ପ୍ରଶ୍ନ ଜଡ଼ିତ ଥାଏ ଓ ଯାହା ସରଳ ନୁହେଁ, ତେବେ ନିଯୁକ୍ତିଦାତା ଫୌଜଦାରୀ ନ୍ୟାୟାଳୟଙ୍କର ନିର୍ଣ୍ଣୟକୁ ଅପେକ୍ଷା କରିବା ବାଞ୍ଛନୀୟ ଅଟେ । କିନ୍ତୁ ଏହି ବିଷୟ ଭଳି ଏକ ସରଳ ମାମଲାରେ ନ୍ୟାୟାଧିକରଣ, ଶିଳ୍ପ ବିବାଦ ଅଧିନିୟମର ଧାରା 33 (2) ଅନୁଯାୟୀ ଅନୁମୋଦନ ପ୍ରଦାନ କରିବାକୁ ଅଗ୍ରାହ୍ୟ କରିବା ତୃଟିପୂର୍ଣ୍ଣ ଅଟେ ।

**ଦେୱାନୀ ଆବେଦନ ଅଧିକରିତା: ଦେୱାନୀ ଆବେଦନ ସଂଖ୍ୟା 88/1959 ।**

**1958ର ଓ.ପି. ସଂଖ୍ୟା 54 ରେ ଦିଲ୍ଲୀର ଶିଳ୍ପ ନ୍ୟାୟାଧିକରଣଙ୍କର 6 ମଇ 1958, ର ରାୟ ଏବଂ ଆଦେଶକୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।**

***ଆବେଦନକାରୀଙ୍କ ପାଇଁ ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତଲୱାଡ, ଏସ୍. ଏନ୍. ଆଣ୍ଡଲି, ଜେ. ବି. ଦାଦାଚାଞ୍ଜି,*** **ରାମେଶ୍ୱର** ***ନାଥ ଏବଂ ପି.*** **ଏଲ୍. ଭୋହରା କରିଥିଲେ ।**

**ଉତ୍ତରଦାତାଙ୍କ ପାଇଁ** ***ଜନାର୍ଦ୍ଦନ ଶର୍ମା*** **।**

**1960.ମାର୍ଚ୍ଚ 10 ରେ ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଯାଇଥିଲା ।**

ନ୍ୟାୟାଧୀଶ ୱାଞ୍ଚୋ

ନ୍ୟାୟାଧୀଶ ୱାଞ୍ଚୋ- ଏହା ଏକ ବିଶେଷ ଅନୁମତି ଦ୍ୱାରା ଶିଳ୍ପ ପ୍ରସଙ୍ଗରେ, ଏକ ଆବେଦନ ଅଟେ । ଆବେଦନକାରୀ ଜଣେ ଏକ ବୟନଶିଳ୍ପ ଉତ୍ପାଦନ କରୁଥିବା କମ୍ପାନୀ । ଉତ୍ତରଦାତା କୁଶାଲ ଭାନ, କମ୍ପାନୀରେ ପିଅନ ଭାବେ କାର୍ଯ୍ୟ କରୁଥିଲେ । ଏହା ଜଣାପଡ଼େ, ଯେ ଫୋଲ୍ଡିଂ ବିଭାଗର ମୁଖ୍ୟ କିରାଣୀ ଭାବେ କାର୍ଯ୍ୟ କରୁଥିବା ରାମଚନ୍ଦ୍ରଙ୍କ ସାଇକେଲ 24, ଅଗଷ୍ଟ 1957 ରେ ଚୋରି ହୋଇଥିଲା । ଏହି ଘଟଣାଟି ପୁଲିସକୁ ଅବଗତ କରାଯାଇଥିଲା । କିଛି ସମୟ ପରେ, ଉତ୍ତରଦାତାଙ୍କ ଅନୁରୋଧ କ୍ରମେ ପୋଲିସ ରେଳ ଷ୍ଟେସନ ସାଇକେଲ ଷ୍ଟାଣ୍ଡ ଯାଇଥିଲେ ଏବଂ ସେଠାରେ ଠିଆ ହୋଇଥିବା 50/60 ସାଇକେଲ ମଧ୍ୟରୁ ଚୋରି ହୋଇଥିବା ସାଇକେଲଟିକୁ

*1960*

*ଦିଲ୍ଲୀ କ୍ଲୋଥ୍ ଆଣ୍ଡ ଜେନେରାଲ୍ ମିଲ୍ସ ଲିମିଟେଡ଼ ବନାମ କୁଶଲ ଭାନ୍*

*ନ୍ୟାୟାଧୀଶ ୱାଞ୍ଚୋ*

ବାହାର କରିଥିଲେ ଓ ସାଇକେଲଟି ଉଦ୍ଧାର କରାଯାଇଥିଲା । ଏହି ମାମଲାଟିକୁ, 1957 ମସିହା ଅକ୍ଟୋବର ମାସରେ କମ୍ପାନୀର ଦୃଷ୍ଟିକୁ ଅଣାଯାଇଥିଲା ଏବଂ ତାପରେ ଉତ୍ତରଦାତା ଉପରେ ଏକ ଆରୋପ ପତ୍ର ଜାରି କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସେ ହେଡ୍ କ୍ଲର୍କ ରାମ ଚନ୍ଦ୍ରଙ୍କ ସାଇକେଲ ଚୋରି କରିଛନ୍ତି, ଯାହାକି ତାଙ୍କ ଅନୁରୋଧରେ ଉଦ୍ଧାର କରାଯାଇଥିଲା ଏବଂ ତାଙ୍କ ବିରୋଧରେ ପୋଲିସରେ ଏକ ଅପରାଧିକ ମାମଲା ବିଚାରାଧୀନ ଥିଲା । ଅସଦାଚରଣ ପାଇଁ ତାଙ୍କୁ କାହିଁକି ବରଖାସ୍ତ କରାଯିବା ଉଚିତ ନୁହେଁ ବୋଲି ତାଙ୍କୁ କାରଣ ଦର୍ଶାଇବାକୁ କୁହାଯାଇଥିଲା । 1957 ମସିହା ଅକ୍ଟୋବର 13 ତାରିଖରେ ଉତ୍ତରଦାତା ନିଜର ସ୍ପଷ୍ଟୀକରଣ ଦାଖଲ କରିଥିଲେ । ତାଙ୍କ ସ୍ପଷ୍ଟୀକରଣ ସନ୍ତୋଷଜନକ ନ ଥିବାରୁ,14, ନଭେମ୍ବର 1957 ରେ ତଦନ୍ତ ସ୍ଥିର କରାଯାଇଥିଲା । ଉତ୍ତରଦାତା ତଦନ୍ତ ସମିତିଙ୍କ  ସମ୍ମୁଖରେ ହାଜର ହୋଇଥିଲେ କିନ୍ତୁ କହିଥିଲେ ଯେ ତାଙ୍କ ବିରୋଧରେ ମାମଲା ବିଚାରାଧୀନ ଥିବାରୁ ଅଦାଲତ ଦ୍ୱାରା ମାମଲାର ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସେ ନିଜର କୌଣସି ପ୍ରତିରକ୍ଷା ଉପସ୍ଥାପନ କରିବାକୁ ଚାହାଁନ୍ତି ନାହିଁ । ସେ ଆହୁରି ମଧ୍ୟ କହିଲେ ଯେ  ସେ ତଦନ୍ତରେ ଭାଗ ନେବାକୁ ଚାହୁଁ ନାହାଁନ୍ତି ଏବଂ ତାଙ୍କୁ ଦିଆଯାଇଥିବା ପ୍ରଶ୍ନର କୌଣସି ଉତ୍ତର ଦେବାକୁ ପ୍ରସ୍ତୁତ ନୁହଁନ୍ତି । ଯେତେବେଳେ ତଦନ୍ତ ସମୟରେ ତାଙ୍କୁ ପ୍ରଶ୍ନ ପଚରାଗଲା, ସେ ସେଗୁଡ଼ିକର ଉତ୍ତର ଦେବାକୁ ମନା କରିଦେଲେ ଏବଂ ପରିଶେଷରେ ସେ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ । ତେବେ କମ୍ପାନୀ ତଦନ୍ତ ଶେଷ କରିଥିଲା ଏବଂ ଉତ୍ତରଦାତାଙ୍କ ବିରୋଧରେ ଅସଦାଚରଣ ପ୍ରମାଣିତ ହୋଇଛି ବୋଲି ଦର୍ଶାଇ ତାଙ୍କୁ  ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଉତ୍ତରଦାତାଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଅନୁମୋଦନ ପାଇଁ କମ୍ପାନୀ ଦ୍ୱାରା ଶିଳ୍ପ  ବିବାଦ ଅଧିନିୟମ, 1947 ର ସଂଖ୍ୟା 14 ର ଧାରା 33 (2) ଅନୁଯାୟୀ ନ୍ୟାୟାଧିକରଣଙ୍କ ନିକଟରେ ଏକ ଆବେଦନ ଦାୟର କରାଯାଇଥିଲା । ବିଷୟଟି 6, ମଇ 1958 ରେ ନ୍ୟାୟାଧିକରଣଙ୍କ  ସମ୍ମୁଖରେ ଉପସ୍ଥାପନା କରାଯାଇଥିଲା । ଇତି ମଧ୍ୟରେ, ଫୌଜଦାରୀ ଅଦାଲତ, ଉତ୍ତରଦାତାଙ୍କ ବିରୋଧରେ ମାମଲା ସନ୍ଦେହ ମୁକ୍ତ ନୁହେଁ ବୋଲି ଦର୍ଶାଇ 8, ଏପ୍ରିଲ 1958 ରେ ଉତ୍ତରଦାତାଙ୍କୁ  ନିର୍ଦ୍ଦୋଷରେ ଖଲାସ କରିଥିଲେ । ନ୍ୟାୟାଧିକରଣଙ୍କ ସମ୍ମୁଖରେ ଫୌଜଦାରୀ ଅଦାଲତଙ୍କ ରାୟର ନକଲ ଉପସ୍ଥାପିତ କରାଯାଇଥିଲା ଏବଂ ଏହା ବରଖାସ୍ତ ଆଦେଶ ଅନୁମୋଦନ କରିବାକୁ ମନା କରିଦେଇଥିଲେ । ଏହା ପରେ କମ୍ପାନୀ ଏହି ଅଦାଲତରେ ବିଶେଷ ଅନୁମତି ଆଦେଶ ପାଇଁ ଆବେଦନ କରିଥିଲା ଯାହାର ଫଳସ୍ୱରୂପ ବର୍ତ୍ତମାନର ଏହି  ଆବେଦନ ।

ଆବେଦନକାରୀ କମ୍ପାନୀ ତରଫରୁ ମୁଖ୍ୟ ଯୁକ୍ତି ହେଉଛି ଯେ କମ୍ପାନୀ, ଫୌଜଦାରୀ ଅଦାଲତରେ ବିଚାରର ଫଳାଫଳକୁ ଅପେକ୍ଷା କରିବାକୁ ବାଧ୍ୟ ନୁହେଁ ଏବଂ ଏହା ଉତ୍ତରଦାତାଙ୍କ ବିରୋଧରେ ଏକ ନିରପେକ୍ଷ ତଦନ୍ତ କରିପାରିବେ ଏବଂ ଯଦି ଉତ୍ତରଦାତା ଏଥିରେ ଅଂଶଗ୍ରହଣ କରିବାକୁ ମନା କରନ୍ତି ଏବଂ ତଦନ୍ତ ଚାଲିଥିବା ସ୍ଥାନ ଛାଡି ଚାଲିଯାଆନ୍ତି, ତେବେ କମ୍ପାନୀ ଏହାକୁ ସମ୍ପୂର୍ଣ୍ଣ କରିବା ବ୍ୟତୀତ ଆଉ କିଛି କରିପାରିବନି ଏବଂ ତାଙ୍କ ସମ୍ମୁଖରେ ଥିବା ପ୍ରମାଣ ଆଧାରରେ ନ୍ୟାୟୋଚିତ୍ତ ଉପସଂହାରରେ ପହଞ୍ଚିପାରିବ | ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପକ୍ଷରୁ ବିଦ୍ୱାନ ଓକିଲ ଅନୁରୋଧ କରିଛନ୍ତି ଯେ ପ୍ରାକୃତିକ ନ୍ୟାୟର ନୀତିଗୁଡିକ ଆବଶ୍ୟକ କରେ ଯେ ଜଣେ ନିଯୁକ୍ତିଦାତା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଅତି କମରେ ଅପରାଧିକ ବିଚାର କରୁଥିବା ନ୍ୟାୟାଳୟର ନିର୍ଣ୍ଣୟ ପାଇଁ ଅପେକ୍ଷା କରିବା ଉଚିତ, ଏବଂ ଯେହେତୁ ନିଯୁକ୍ତିଦାତା ଏହା କରିନଥିଲେ ତେଣୁ କର୍ମଚାରୀ ଜଣକ (ଉତ୍ତରଦାତା), ସମାନ ମାମଲା ସହିତ ଜଡିତ ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ ନକରିବା ଯଥାର୍ଥ ଥିଲେ ।

ଏହା ସତ୍ୟ ଯେ ଅନେକ ସମୟରେ ନିଯୁକ୍ତିଦାତାମାନେ ଅପରାଧିକ ବିଚାର କରୁଥିବା ନ୍ୟାୟାଳୟଙ୍କର ନିର୍ଣ୍ଣୟ ପର୍ଯ୍ୟନ୍ତ ତଦନ୍ତ ସ୍ଥଗିତ ରଖନ୍ତି ଏବଂ ତାହା ନ୍ୟାୟସଙ୍ଗତ ଅଟେ; କିନ୍ତୁ ଆମେ ଯଥାର୍ଥ ପ୍ରକାଶ କରିପାରିବା ନାହିଁ ଯେ ପ୍ରାକୃତିକ ନ୍ୟାୟର ନୀତି ଅନୁଯାୟୀ ଜଣେ ନିଯୁକ୍ତିଦାତା ଜଣେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଅତି କମରେ ଅପରାଧିକ ବିଚାର କରୁଥିବା ନ୍ୟାୟାଳୟଙ୍କ ନିର୍ଣ୍ଣୟ ପାଇଁ ଅପେକ୍ଷା କରିବା ଆବଶ୍ୟକ । ଶ୍ରୀ ବିମଳ କାନ୍ତା ମୁଖାର୍ଜୀ ବନାମ ମେସର୍ସ *ନ୍ୟୁଜମ୍ୟାନ ପ୍ରିଣ୍ଟ-ଇଙ୍ଗ୍ ୱାର୍କସ୍ (1) ମାମଲାରେ ଶ୍ରମ ଆବେଦନ ନ୍ୟାୟାଧିକରଣ ଏହି ମତ ରଖିଥିଲେ ।* ତଥାପି, ଆମେ ଏହା ମଧ୍ୟ କହିପାରିବା ଯେ ଯଦି ମାମଲାଟି ଗମ୍ଭୀର ପ୍ରକୃତିର କିମ୍ବା ଏଥିରେ ତଥ୍ୟ କିମ୍ବା ଆଇନର ପ୍ରଶ୍ନ ଜଡ଼ିତ ଥାଏ, ଯାହା ସରଳ ନୁହେଁ, ତେବେ ନିଯୁକ୍ତିଦାତାଙ୍କୁ , ବିଚାର କରୁଥିବା ନ୍ୟାୟାଳୟଙ୍କର ନିର୍ଣ୍ଣୟକୁ ଅପେକ୍ଷା କରିବା ବାଞ୍ଛନୀୟ ଅଟେ, ଯାହା ଦ୍ଵାରା ଅପରାଧିକ ମାମଲାରେ କର୍ମଚାରୀଙ୍କ ପ୍ରତିରକ୍ଷା ପକ୍ଷପାତପୂର୍ଣ୍ଣ ହୋଇନପାରେ । ତେବେ ବର୍ତ୍ତମାନ ଏହା ଏକ ଅତି ସରଳ ପ୍ରକୃତିର ମାମଲା ଅଟେ ଏବଂ ତେଣୁ ନିଯୁକ୍ତିଦାତାଙ୍କ ଦ୍ଵାରା ଗ୍ରହଣ କରାଯାଇଥିବା ପଦକ୍ଷପ ପାଇଁ ତାଙ୍କୁ ଦାୟୀ କରାଯାଇପାରିବ ନାହିଁ । ଏହି ପରିସ୍ଥିତିରେ, ଆମ ମତ ଏହିକି ଯେ ଏହି ମାମଲାରେ ପ୍ରାକୃତିକ ନ୍ୟାୟର କୌଣସି ବିଫଳତା ନଥିଲା ଏବଂ ଯଦି ଉତ୍ତରଦାତା ତଦନ୍ତରେ ଅଂଶଗ୍ରହଣ ନକରିବାକୁ ସ୍ଥିର କରିଥିଲେ, ତେବେ ସେହି ତଦନ୍ତରେ କୌଣସି ତ୍ରୁଟି ନାହିଁ । ଆମର ମତ ହେଉଛି ଯେ ଏହି ମାମଲାରେ ନ୍ୟାୟାଧିକରଣ ଶିଳ୍ପ

(1) (1956) L.A.C. 188.

*1960*

*ଦିଲ୍ଲୀ କ୍ଲୋଥ୍ ଆଣ୍ଡ ଜେନେରାଲ୍ ମିଲ୍ସ ଲିମିଟେଡ୍ ବନାମ କୁଶଳ ଭାନ୍*

*ନ୍ୟାୟାଧୀଶ ୱାଞ୍ଚୋ*

ବିବାଦ ଅଧିନିୟମର ଧାରା 33 (2) ଅଧୀନରେ ଅନୁମୋଦନ ପ୍ରଦାନ ନକରି ସ୍ପଷ୍ଟ ଭାବରେ ତ୍ରୁଟି କରିଥିଲେ । ଏହା ବ୍ୟତୀତ ଏହା ସ୍ପଷ୍ଟ ଯେ ଆବେଦନ ଅଧୀନରେ ଆଦେଶ ଦେବା ସମୟରେ, ନ୍ୟାୟାଧିକରଣ ଧାରା 33 (2) ଅନୁଯାୟୀ ଏହାର ଅଧିକାରିତାର ସୀମା ବିଷୟରେ ସମ୍ପୂର୍ଣ୍ଣ ଭାବେ ଅନଭିଜ୍ଞ ଅଟନ୍ତି । ତେଣୁ ଆମେ ଆବେଦନକୁ ଅନୁମତି ଦେଉଛୁ ଏବଂ ନ୍ୟାୟାଧିକରଣଙ୍କ ଆଦେଶକୁ ଅଗ୍ରାହ୍ୟ କରି, ଆବେଦନକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ବରଖାସ୍ତ କରିବା ପାଇଁ ଦିଆଯାଇଥିବା ଆଦେଶକୁ ଅନୁମୋଦନ କରୁଛୁ । ଏହି ପରିସ୍ଥିତିରେ ଆମେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦେଇନାହୁ ।

*ଆବେଦନକୁ ଅନୁମତି ଦିଆଯାଇଛି ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।